# NATIONAL NEWS BULLETIN (ODIA)

## 1 September 2026

### Morning Bulletin : 7.15 A.M.

*******************************

## ମୁଖ୍ୟ ସମ୍ବାଦ

- ୨୬ତମ ସାଂଘାଇ ସହଯୋଗ ସଂଗଠନ ଏସ୍.ସି.ଓ. ସମ୍ମିଳନୀକୁ ଆଜି ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ ।
- ଏସିଡ୍ ଆକ୍ରମଣ ପିଡ଼ିତଙ୍କ ପାଇଁ ଉପଯୁକ୍ତ ପୁନର୍ବାସ ବ୍ୟବସ୍ଥା ନିର୍ଦ୍ଧାରିତ କରିବାକୁ ସୁପ୍ରିମ୍‌କୋର୍ଟ୍‌ଙ୍କ ନିର୍ଦ୍ଦେଶ ।
- ଜି.ଡି.ପି. ଅଭିବୃଦ୍ଧି ପରିପ୍ରେକ୍ଷୀରେ ଭାରତକୁ ଏକ ଦୃଢ଼ ତଥା ସ୍ଥିର ଅର୍ଥନୈତିକ ରାଷ୍ଟ୍ର ଭାବେ ବର୍ଣ୍ଣନା କଲା ଆମେରିକା ।
- ନୂଆଦିଲ୍ଲୀରେ ଆଜିଠାରୁ ଆରମ୍ଭ ହେବ ଦୁଇ ଦିନିଆ ଜଳଶକ୍ତି ସମ୍ମିଳନୀ ।

ଏବଂ

- ଆନ୍ତର୍ଜାତିକ ଫୁଟ୍‌ବଲ୍‌ରୁ ଅବସର ଘୋଷଣା କଲେ ଫୁଟବଲ ତାରକା ଲିଓନେଲ୍ ମେସି ।

# ପିଏମ୍-ବିସ୍କେକ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ୨୬ତମ ସାଂଘାଇ ସହଯୋଗ ସଂଗଠନ ଏସ୍.ସି.ଓ. ସମ୍ମିଳନୀକୁ ସମ୍ବୋଧନ କରିବେ । କିର୍‌ଗିଜ୍‌ସ୍ତାନର ରାଜଧାନୀ ବିସ୍କେକ୍‌ଠାରେ ଏହି ସମ୍ମିଳନୀ ଅନୁଷ୍ଠିତ ହେଉଛି ।

ଶ୍ରୀ ମୋଦୀ ତାଙ୍କ ଅଭିଭାଷଣରେ ସୁରକ୍ଷା, ଯୋଗାଯୋଗ ଏବଂ ବିଭିନ୍ନ କ୍ଷେତ୍ରରେ ରହିଥିବା ସୁଯୋଗ ଉପରେ ଭାରତ ପଦକ୍ଷେପ ଉପରେ ଆଲୋକପାତ କରିବେ । ଆତଙ୍କବାଦ, ବିଚ୍ଛିନ୍ନତାବାଦୀ କାର୍ଯ୍ୟକଳାପ ବିରୁଦ୍ଧରେ ଦ୍ୱିତ ମାନଦଣ୍ଡ ଆଧାରିତ ପଦକ୍ଷେପକୁ ଭାରତ ସର୍ବଦା ବିରୋଧ କରି ଆସିଛି । ଶାନ୍ତି ଏବଂ ସମୃଦ୍ଧି ପାଇଁ ଏସ୍.ସି.ଓ. ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଅଧିକ ସହଭାଗିତା ଉପରେ ଶ୍ରୀ ମୋଦୀ ଗୁରୁତ୍ୱ ପ୍ରଦାନ କରିବେ । ଏହାଦ୍ୱାରା ପ୍ରତ୍ୟେକ ଦେଶର ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ଅଖଣ୍ଡତା ବଜାୟ ରହିପାରିବ । ଯୁବବର୍ଗଙ୍କ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିବା ଏବଂ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍‌କୁ ପ୍ରୋତ୍ସାହିତ କରିବା ଉପରେ ଭାରତ ସର୍ବଦା ଗୁରୁତ୍ୱ ପ୍ରଦାନ କରି ଆସୁଛି । ଯୁବବର୍ଗଙ୍କ ଦକ୍ଷତା, ନବସୃଜନ ଏବଂ ଉଦ୍ୟୋଗ କ୍ଷେତ୍ରୀୟ ବିକାଶ ଓ ସହଯୋଗ କ୍ଷେତ୍ରରେ ନୂତନ ମାର୍ଗ ଉନ୍ମୁକ୍ତ କରିବା ପାଇଁ ଶ୍ରୀ ମୋଦୀ ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରିବେ ବୋଲି ଜଣାପଡ଼ିଛି ।

ସମ୍ମିଳନୀ ଅବସରରେ ଶ୍ରୀ ମୋଦୀ ଗତକାଲି ସଦସ୍ୟ ରାଷ୍ଟ୍ର ରୁଷ, ଇରାନ୍, କିର୍‌ଗିଜସ୍ତାନ ଏବଂ ଆର୍‌ମେନିଆର ନେତୃମଣ୍ଡଳୀଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ବୈଠକରେ ଯୋଗଦେଇଥିଲେ । ଗତ ସନ୍ଧ୍ୟାରେ ବିସ୍‌କେକ୍‌ଠାରେ ଏସ୍.ସି.ଓ. ନେତୃମଣ୍ଡଳୀଙ୍କ ସହ ଷଷ୍ଠ ବିଶ୍ୱ ନୋମାଡ୍‌ କ୍ରୀଡ଼ାର ଆନୁଷ୍ଠାନିକ ଉଦ୍‌ଘାଟନୀ ଉତ୍ସବରେ ଅଂଶଗ୍ରହଣ କରିଥିଲେ । ନୋମାଡ୍‌ ସଭ୍ୟତାର ସମୃଦ୍ଧ କ୍ରୀଡ଼ା ପରମ୍ପରା, ସଂସ୍କୃତି ଏବଂ ଐତିହ୍ୟକୁ ପ୍ରଦର୍ଶନ ସ୍ୱରୂପ ପ୍ରତି ଦୁଇ ବର୍ଷରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ଦେଶଗୁଡ଼ିକ ମଧ୍ୟରେ ସହଭାଗି ସଂସ୍କୃତିର ଚିନ୍ତାଧାରାକୁ ଏହି ସମାରୋହ ସମନ୍ୱିତ କରିଥାଏ ।

# ଏସ୍‌ସି ଏସିଡ୍‌ ଆଟାକ୍‌

ଏସିଡ୍‌ ଆକ୍ରମଣର ପିଡ଼ିତଙ୍କ ପାଇଁ ଉପଯୁକ୍ତ ପୁନର୍ବାସ ବ୍ୟବସ୍ଥା ପ୍ରସ୍ତୁତ କରିବାକୁ ସୁପ୍ରିମ୍‌କୋର୍ଟ୍‌ କେନ୍ଦ୍ର ସରକାର, ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିପାଇଁ ୬ ସପ୍ତାହର ସମୟସୀମା ଧାର୍ଯ୍ୟ ହୋଇଛି । ଯୋଜନା ପ୍ରସ୍ତୁତି ସହ ଏହାର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ପାଇଁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ ଆବଶ୍ୟକତା ସହାୟତା ପ୍ରଦାନ କରିବା ଉପରେ କେନ୍ଦ୍ର ସରକାରଙ୍କୁ ବିଚାର କରିବାକୁ ସୁପ୍ରିମ୍‌କୋର୍ଟ୍‌ ପରାମର୍ଶ ଦେଇଛନ୍ତି । ଏ ସଂକ୍ରାନ୍ତ ଏକ

ମାମଲାର ଶୁଣାରି କରି ସୁପ୍ରିମ୍‌କୋର୍ଟ୍ କହିଛନ୍ତି, ଏହି ପୁନର୍ବାସ ପଦକ୍ଷେପଗୁଡ଼ିକ ମଧ୍ୟରେ କ୍ଷତିପୂରଣ, ଚିକିତ୍ସା ସହାୟତା, ମାଗଣା ଶିକ୍ଷା ବ୍ୟବସ୍ଥା ତଥା ଅନ୍ୟାନ୍ୟ ଥଇଥାନ ପଦକ୍ଷେପ ଅନ୍ତର୍ଭୁକ୍ତ ହେବା ଉଚିତ୍ । ୨୦୧୩ରେ ଏସିଡ୍‌ର ଖୁଚୁରା ବିକ୍ରିୟକୁ ନିୟନ୍ତ୍ରଣ କରିବା ପାଇଁ ଜାରି ହୋଇଥିବା ନିର୍ଦ୍ଦେଶାବଳୀ ସତ୍ତ୍ୱେ ଖୋଲା ବଜାରରେ ଏହାର ସହଜ ଉପଲବ୍ଧତା ଉପରେ କୋର୍ଟ୍ ଚିନ୍ତା ପ୍ରକଟ କରିଛନ୍ତି । ଏସିଡ୍‌ର ଖୁଚୁରା ବିକ୍ରୟକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବା କିମ୍ବା କଠୋର ନୀତିନିୟମ ମାଧ୍ୟମରେ ଏହାକୁ ବିକ୍ରି କରାଯିବା ପ୍ରସଙ୍ଗ ନେଇ କୋର୍ଟ୍ କେନ୍ଦ୍ର ସରକାରଙ୍କଠାରୁ ଜବାବ ଲୋଡ଼ିଛନ୍ତି ।

## ୟୁଏସ୍-ଇଣ୍ଡିଆ ଇକୋନମି

ଭାରତକୁ ଏକ ଦୃଢ଼ ତଥା ସ୍ଥିର ଅର୍ଥନୈତିକ ରାଷ୍ଟ୍ର ଭାବେ ଆମେରିକା ବର୍ଣ୍ଣନା କରିଛି । ଦେଶର ଜିଡିପି ୭ ଦଶମିକ୍ ୮ ପ୍ରତିଶତ ବୃଦ୍ଧି ପରିପ୍ରେକ୍ଷୀରେ ଆମେରିକା ଏହା କହିଛି । ଏକ ଗଣମାଧ୍ୟମ ସଂସ୍ଥା ସହ ସାକ୍ଷାତକାର ଅବସରରେ ହ୍ୱାଇଟ୍ ହାଉସ୍‌ର ବରିଷ୍ଠ ଗଣମାଧ୍ୟମ ଉପ-ସଚିବ କୁଶ ଦେଶାଇ ଏହା କହିଛନ୍ତି । ଭାରତର ବ୍ୟାପକ ନିବେଶ କ୍ଷେତ୍ର ଏବଂ ଅର୍ଥନୀତି ଆମେରିକୀୟ କମ୍ପାନୀ ଏବଂ ନିବେଶକଙ୍କ ପାଇଁ ସୁଯୋଗ ପ୍ରଦାନ କରୁଛି ବୋଲି ସେ କହିଛନ୍ତି । ଆମେରିକା ପ୍ରଶାସନ ମଧ୍ୟ ଏ

ଦିଗରେ ପ୍ରୋତ୍ସାହନ ପ୍ରଦାନ କରୁଛି । ସେ କହିଛନ୍ତି, ଭାରତ ସହିତ ସମ୍ପର୍କକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗୁରୁତ୍ୱ ପ୍ରଦାନ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ତାଙ୍କର ବନ୍ଧୁତ୍ୱ ଉପରେ ସେ ବିଭିନ୍ନ ସମୟରେ ଉଲ୍ଲେଖ କରିଛନ୍ତି ବୋଲି ସଚିବ ଶ୍ରୀ ଦେଶାଇ କହିଛନ୍ତି । ପ୍ରସ୍ତାବିତ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମା ଉପରେ ଆଲୋକପାତ କରି ଶ୍ରୀ ଦେଶାଇ କହିଛନ୍ତି, ଉଭୟ ଦେଶ ଉତ୍ପାଦ କ୍ଷେତ୍ର ଏବଂ ଶୁଳ୍କ ନିୟମ ସମେତ ବିଭିନ୍ନ ପରିସ୍ଥିତି ଉପରେ ସମାଧାନର ପନ୍ଥା ନିର୍ଦ୍ଧାରଣ ପାଇଁ କାର୍ଯ୍ୟ କରୁଛନ୍ତି । ଏହି ଚୁକ୍ତିନାମା ନେଇ ଆମେରିକା ଆଶାବାଦୀ ରହିଛି । ଦ୍ୱିପାକ୍ଷିକ ଆର୍ଥିକ ଓ ରାଜନୈତିକ ସହଭାଗିତାକୁ ମଜବୁତ କରିବାକୁ ଉଭୟ ଦେଶ ସହମତ ହୋଇଥିବା ସେ କହିଛନ୍ତି ।

## ଫର୍ଟିଲାଇଜର-ସ୍ୱଚ୍ଛ ପଖୱାଡ଼ା

ଦେଶ ବ୍ୟାପି ଆଜିଠାରୁ ସ୍ୱଚ୍ଛତା ପକ୍ଷ ପାଳନ କରାଯିବ । ରସାୟନିକ ଓ ସାର ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଏହାର ଶୁଭାରମ୍ଭ କରିବେ । ଏକକ ପ୍ଲାଷ୍ଟିକ୍ ବ୍ୟବହାରକୁ ବର୍ଜନ କରିବା ତଥା ପୁନଃ ବ୍ୟବହାର ଯୋଗ୍ୟ ବର୍ଜ୍ୟ ଉପଯୋଗକୁ ପ୍ରୋତ୍ସାହନ ପ୍ରଦାନ କରିବା ଏହି ପକ୍ଷ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ସାର ବିଭାଗ ଏ ସମ୍ପର୍କରେ ସୂଚନା ଦେଇ କହିଛି, ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଏହି ପକ୍ଷ ପାଳନ

କରାଯିବ । ବିଭିନ୍ନ କ୍ଷେତ୍ରରେ ସ୍ୱଚ୍ଛତା ଏବଂ ପରିବେଶ ସଂରକ୍ଷଣକୁ ପ୍ରୋତ୍ସାହନ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି । କାର୍ଯ୍ୟ ସଂସ୍କୃତିରେ ଗୁଣାତ୍ମକ ଉନ୍ନତି ଆଣିବା ଉପରେ ଏହି ଅବସରରେ ଗୁରୁତ୍ୱ ପ୍ରଦାନ କରାଯିବ । ଇ-ଅଫିସ୍ ଏବଂ ଡିଜିଟାଲ୍ ତଥ୍ୟ ସଂରକ୍ଷଣ ବ୍ୟବସ୍ଥାକୁ ଅଧିକ ସୁଗମ କରାଯିବା ନେଇ ଏହି ଅବସରରେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ବିଭାଗ କହିଛି ।

## ଜଳଶକ୍ତି-ସମିଟ୍

ନୂଆଦିଲ୍ଲୀଠାରେ ଆଜିଠାରୁ ଦୁଇ ଦିନିଆ ଜଳଶକ୍ତି ସମ୍ମିଳନୀ ଆରମ୍ଭ ହେବ । ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ସମବାୟ ସଂଘୀୟତାକୁ ସୁଦୃଢ଼ କରିବା ଏବଂ ଜାତୀୟ ପ୍ରାଥମିକତା ପ୍ରସଙ୍ଗଗୁଡ଼ିକୁ ସମନ୍ୱିତ ପ୍ରୋତ୍ସାହନ ପ୍ରଦାନ କରିବା ତଥା କେନ୍ଦ୍ର ଓ ରାଜ୍ୟ ସହଯୋଗ ମାଧ୍ୟମରେ କାର୍ଯ୍ୟାନ୍ୱୟନକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଆଲୋଚନା କରାଯିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଆଧାରିତ ଏହି କାର୍ଯ୍ୟକ୍ରମ ପ୍ରଥମଥର ପାଇଁ ଆୟୋଜନ କରାଯାଉଛି । ଜଳ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ସମୟାନୁବର୍ତ୍ତୀ କାର୍ଯ୍ୟାନ୍ୱୟନ, ଜଳସଂଚୟ କ୍ଷେତ୍ରରେ ସାମୂହିକ ଭାଗିଦାରୀ-କ୍ୟାଚ୍ ଦ ରେନ୍ ଅଭିଯାନ, ପାନୀୟ ଜଳ ଉତ୍ସ ଗୁଡ଼ିକର ସୁରକ୍ଷା ଏବଂ ଜଳଜୀବନ ମିଶନ୍ ଦ୍ୱିତୀୟ ପର୍ଯ୍ୟାୟ ଅନ୍ତର୍ଗତ

ଗ୍ରାମୀଣ ପାନୀୟ ଜଳ ଯୋଗାଣ ଯୋଜନାଗୁଡ଼ିକର ପରିଚାଳନା ଓ ରକ୍ଷଣାବେକ୍ଷଣ ଆଦି ଚାରୋଟି ପ୍ରମୁଖ ପ୍ରସଙ୍ଗ ଉପରେ ସମ୍ମିଳନୀରେ ଧ୍ୟାନ କେନ୍ଦ୍ରୀଭୂତ ହେବ ବୋଲି ମନ୍ତ୍ରଣାଳୟ କହିଛି ।

## ଇଣ୍ଡିଆ-ଜି୨୦

ଆମେରିକାର ଆଶେଭିଲ୍‌ଠାରେ ଦୁଇ ଦିନିଆ ଜି-୨୦ ଅର୍ଥମନ୍ତ୍ରୀ ଓ କେନ୍ଦ୍ରୀୟ ବ୍ୟାଙ୍କ୍ ଗଭର୍ଣ୍ଣରଙ୍କ ବୈଠକ ଅନୁଷ୍ଠିତ ହେଉଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏଥିରେ ଭାରତୀୟ ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ନେଉଛନ୍ତି । ଆମେରିକାର ଜି-୨୦ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଉଥିବା ଏହି ବୈଠକରେ ବିଶ୍ୱ ଆର୍ଥିକ ଅଭିବୃଦ୍ଧି, ସ୍ଥିରତା, ବର୍ଦ୍ଧିତ ଋଣ, ବାଣିଜ୍ୟ, ନିବେଶ ଏବଂ ଆନ୍ତର୍ଜାତିକ ଆର୍ଥିକ ବ୍ୟବସ୍ଥାର ସଂସ୍କାର ଉପରେ ପ୍ରାଥମିକତା ପ୍ରଦାନ କରାଯାଉଛି ।

ଆମେରିକାର ଅର୍ଥ ସଚିବ ସ୍କଟ୍ ବେସେଣ୍ଟ ବୃଦ୍ଧି ପାଉଥିବା ଋଣ କ୍ଷେତ୍ରର ମୁକାବିଲା ପାଇଁ ଦୃଢ଼ ଆର୍ଥିକ ଅଭିବୃଦ୍ଧି, ବ୍ୟାପକ ନିବେଶ ଏବଂ ଗୁଣବତ୍ତା ସମ୍ପନ୍ନ ଉତ୍ପାଦନ କ୍ଷେତ୍ର ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଗତିଶୀଳ ଅର୍ଥନୀତିର ଆବଶ୍ୟକତାକୁ ଅଧିକ ବିସ୍ତାର କରିବା ତଥା ନିରନ୍ତର ଅଭିବୃଦ୍ଧି, ବାଣିଜ୍ୟ ଓ ନିବେଶ କ୍ଷେତ୍ରକୁ ପ୍ରୋତ୍ସାହନ ପ୍ରଦାନ

କରିବା ଲକ୍ଷ୍ୟ ନେଇ ଭାରତ ଏହି ବୈଠକରେ ନିଜ ମତ ଉପସ୍ଥାପନ କରିଛି । ଜି-୨୦ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଆର୍ଥିକ ସମ୍ପର୍କକୁ ଅଧିକ ସଶକ୍ତ କରିବା ତଥା ଭାରତକୁ ଉତ୍ପାଦନ, ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନର ବିଶ୍ୱସ୍ତରରେ ଏକ ପେଣ୍ଠ ସ୍ଥଳୀ ଭାବେ ପ୍ରତିପାଦନ କରିବା ନେଇ ସ୍ୱଷ୍ଟ ଦୃଷ୍ଟିକୋଣ ଆଧାରିତ ଭାରତ ଏହି ବୈଠକରେ ନିଜ ମତ ଉପସ୍ଥାପନ କରୁଛି ।

ବୈଠକ ଅବସରରେ ବାଣିଜ୍ୟ ଏବଂ ନିବେଶ ସହଯୋଗ ବୃଦ୍ଧି ପାଇଁ ଗ୍ରେଟ୍ ବ୍ରିଟେନ୍‌ର ଚାନ୍‌ସେଲର ଅଫ୍ ଦି ଏକ୍ସଚେକର୍ ଜନ୍ ହିଲିଙ୍କ ସହ ଅର୍ଥମନ୍ତ୍ରୀ ଆଲେଶଚନା କରିଛନ୍ତି । ଥ୍ରୀ ଏମ୍ ବ୍ୟବସାୟ କ୍ଷେତ୍ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଓ୍ୱିଲିୟମ୍ ବ୍ରାଉନ୍‌ଙ୍କ ସହ ଅର୍ଥମନ୍ତ୍ରୀ ସୀତାରମଣ ଉତ୍ପାଦନ, ପ୍ରଯୁକ୍ତିବିଦ୍ୟା ଏବଂ ଦକ୍ଷ ମାନବସମ୍ବଳ ଉପରେ ମତବିନିମୟ କରିଛନ୍ତି ।

ଉଦ୍‌ଘାଟନୀ ଦିବସ ଅବସରରେ ଗତକାଲି ବୈଠକରେ ଋଷର ଅଂଶଗ୍ରହଣକୁ ନେଇ ମତଭେଦ ଦେଖାଦେଇଥିଲା । ଋଷର ଅର୍ଥମନ୍ତ୍ରୀ ଅଣ୍ଟନ୍ ସିଲୁଆନୋଭ ବ୍ୟକ୍ତିଗତ ଭାବେ ଏହି ବୈଠକରେ ଯୋଗଦେଇଥିବା ବେଳେ କେତେକ ୟୁରୋପୀୟ ଅଧିକାରୀ ପାରମ୍ପରିକ ଗ୍ରୁପ୍ ଫଟୋଗ୍ରାଫ୍‌ରେ ଅଂଶଗ୍ରହଣ କରିନଥିଲେ । ତେବେ ଶ୍ରୀ ସିଲୁଆନୋଭ ଆମେରିକାର ଅର୍ଥ ସଚିବ ବେସେଣ୍ଟଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି ।

# ଖରିଫ୍ କ୍ରପ୍ସ

ଖରିଫ୍ ଫସଲ ଅଧୀନରେ ଗତ ୨୮ ତାରିଖ ସୁଦ୍ଧା ୧ହଜାର ୭୧ ଲକ୍ଷ ହେକ୍ଟରରୁ ଅଧିକ ଚାଷ ଜମିକୁ ସାମିଲ କରାଯାଇଥିବା କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ସୂଚନା ଦେଇଛି । ସେଥିମଧ୍ୟରେ ୪୧୪ ଲକ୍ଷ ହେକ୍ଟରରୁ ଅଧିକ ଜମିରେ ଧାନ ଚାଷ କରାଯାଇଛି । ୧୧୫ ଲକ୍ଷ ହେକ୍ଟରରୁ ଅଧିକ ଜମିରେ ଡାଲି ଜାତୀୟ ଫସଲ କରାଯାଇଛି । ୧୧୭ଲକ୍ଷ ହେକ୍ଟରରୁ ଅଧିକ ଜମିରେ ଶ୍ରୀଅନ୍ନ ଚାଷ କରାଯାଇଥିବା ବେଳେ ୧୧୮ ଲକ୍ଷ ହେକ୍ଟରରୁ ଅଧିକ ଜମିରେ କପା ଏବଂ ୫୮ ଲକ୍ଷ ହେକ୍ଟରରୁ ଅଧିକ ଜମିରେ ଆଖୁ ଚାଷ କରାଯାଇଥିବା ମନ୍ତ୍ରଣାଳୟ ସୂଚନା ଦେଇଛି ।

# ଲିଓନେଲ୍ ମେସି

ଆନ୍ତର୍ଜାତିକ ଫୁଟବଲରୁ ଆର୍ଜେଣ୍ଟିନାର ତାରକା ଖେଳାଳି ଲିଓନେଲ୍ ମେସି ଅବସର ଘୋଷଣା କରିଛନ୍ତି । ୩୯ ବର୍ଷୀୟ ଏହି ଖେଳାଳିଙ୍କର ଏଥିସହ ୨୦ ବର୍ଷର ଫୁଟବଲ କ୍ୟାରିୟର୍ ଶେଷ ହୋଇଛି । କ୍ରୀଡ଼ା ଜୀବନରେ ଶ୍ରୀ ମେସି ଆର୍ଜେଣ୍ଟିନାକୁ ବିଶ୍ୱକପ୍ ସହ ଦୁଇଟି କୋପା ଆମେରିକା ଟାଇଟଲ ବିଜୟୀ କରିବାରେ ସହାୟତା ପ୍ରଦାନ କରିଛନ୍ତି ।

ଶ୍ରୀ ମେସି ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଅବସର ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି ।

## ଆଇଏମ୍‌ଡି-ଓ୍ୱେଦର

ଓଡ଼ିଶା ସମେତ ବିହାର, ହିମାଚଳ ପ୍ରଦେଶ, ମଧ୍ୟପ୍ରଦେଶର ପୂର୍ବଭାଗ, ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ, ଉତ୍ତରାଖଣ୍ଡ ଏବଂ ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଆଜି ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ଅନୁମାନ କରିଛି । ଛତିଶଗଡ଼ରେ ଆଜି ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ବିଭାଗ ସତର୍କ ସୂଚନା ଜାରି କରିଛି । ଜାମ୍ମୁ କାଶ୍ମୀର, ହରିଆଣା, ଚଣ୍ଡିଗଡ଼, ପଶ୍ଚିମବଙ୍ଗ, କର୍ଣ୍ଣାଟକ ଏବଂ ତେଲଙ୍ଗାନାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପାଣିପାଗ ବିଭାଗ ସୂଚନା ଦେଇଛି । ତାମିଲନାଡୁ, ପୁଡୁଚେରୀ, କରେଇକାଲ ଏବଂ ଆଣ୍ଡାମାନ ନିକୋବର ଦ୍ୱିପପୁଞ୍ଜରେ ମଧ୍ୟ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି ।